# Akashvani, Sambalpur

## SAMBALPURI NEWS EVENING BULLETIN

**15 May 2024- 7.02 pm- 7.12 pm.**

**********************************************

୧- ରାଏଜେ ୪ ନମ୍ବର୍ ଖେପ୍ ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍ ଲାଗି ସର୍‌ଲା ପ୍ରାର୍ଥୀପତ୍ର ଯାଂଚ୍ ।

୨- ଭୋଟ୍ ଲାଗି ଭିନ୍ ଭିନ୍ ଦଲର୍ ଚାଲିଛେ ଜୋର୍‌ଦାର୍ ପ୍ରଚାର୍ ।

- କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କଟକ୍ ନ କଲେ ରୋଡ୍ ସୋ ।

- ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି କଲେ ପ୍ରଚାର୍ ।

୩- ନାଗରିକତା ସଂଶୋଧନ୍ ଅଧିନିୟମ୍‌ର ବିଜ୍ଞପ୍ତି ଉତ୍‌ରୁ ପହେଲା କରି ୧୪ ଝନ୍‌କୁ ଦିଆଗଲା ନାଗରିକତା ପ୍ରମାଣ୍‌ପତ୍ର ।

୪- ନିଜର୍ ବୁଥ୍ ବାବ୍‌ଦେ ଜାନ୍‌ବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ମୁଲ୍ କଲେ 'ମୋ ବୁଥ୍' ଆପ୍ ।

ଆଉର୍

୫- ଆଏବା ମାସର୍ ୧୦ ତାରିଖ୍‌ତକ୍ ଓଡ଼ିଶା ନ ପୁହୁଁଚିବା ଦକ୍ଷିଣ ପଶ୍ଚିମ ମୌସୁମୀ ।

୪ ନମ୍ବର୍ ଖେପ୍-ପ୍ରାର୍ଥୀପତ୍ର ଯାଂଚ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୪ ନମ୍ବର୍ ଖେପ୍ ଲୋକ୍‌ସଭା ଆଉ ବିଧାନ୍‌ସଭା ଆସନ୍ ଲାଗି ଆଏଜ୍ ପ୍ରାର୍ଥୀପତ୍ର ଯାଂଚ୍ କରାଯାଇଛେ । ଇ ଖେପେ ୬ ଟା ଲୋକ୍‌ସଭା ଆସନ୍ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ମାସର୍ ୧ ତାରିଖ୍ ଦିନ ଭୋଟ୍ ନିଆଯିବା । ଆଏବା ଶୁକ୍ରବାର୍ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ଲାଗି ଶେଷ୍ ଦିନ୍ ଧାରିଜ୍ କରାଯାଇଛେ ।

ନିର୍ବାଚନୀ ପ୍ରଚାର୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୪ ଟା ଲୋକ୍‌ସଭା ଆସନ୍ କଲାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍‌ନେ ଭୋଟ୍ ସରିଛେ । ହେଲେ ଅଲ୍‌ଗା ୧୭ ଟା ସଂସଦୀୟ କ୍ଷେତ୍ର ମାନ୍‌କେ ଭୋଟ୍ ପ୍ରଚାର୍ ସର୍‌ଗରମ୍ ହେଉଛେ । ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପୁରୁଖା

ନେତାମାନେ ତାଙ୍କର୍ ଦଲର୍ ପ୍ରାର୍ଥୀମାନ୍‌କର୍ ପ୍ରଚାର୍ ଲାଗି ଓଡ଼ିଶା ଆସୁଛନ୍ ।

ବିଜେପିର୍ ବରିଷ୍ଠ ନେତା ଆଉ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସ୍କାର ସୋରଡ଼ା ଠାନେ ସାଧାରଣ ସଭାଥି ଉଦ୍‌ବୋଧନ ଦେଇଥିବାର୍ ବେଲେ ସବୁବେଲେ କଟକ୍‌ର ବକ୍ସିବଜାର୍ ଠାନେ ଚାନ୍ଦିନୀଚୌକ୍‌ତକ୍ ଗୁଟେ ରୋଡ୍ ସୋ କରୁଛନ୍ । ସେ ଆଏବା ୧୯ ତାରିଖ୍ ଦିନ ସମ୍ବଲ୍‌ପୁର୍ ରେମେଡ୍ ଠାନେ ଗୁଟେ ଜନସଭାକେ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେନ୍ତା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା ଆଏବାକାଏଲ୍ ବର୍‌ଗଡ୍ ଜିଲ୍ଲାର୍ ପଦମ୍‌ପୁର୍ ଆଉ ସୁନ୍ଦର୍‌ଗଡ୍ ଠାନେ ଦଲ୍ ତର୍‌ଫୁ ହେବାର୍‌କେ ଥିବା ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଥିବାର୍ ସୂଚ୍‌ନା ମିଳିଛେ ।

ହେନ୍ତା କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ବଲାଙ୍ଗିର୍ ଠାନେ ଗୁଟେ ଜନସଭାଥି ଉଦ୍‌ବୋଧନ୍ ଦେଇଛନ୍ ।

ସେନ୍ତା ଅଖିଲ୍ ଭାରତୀୟ  କଂଗ୍ରେସ୍ କମିଟିର୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସିକରି ଦଲର୍ ନିର୍ବାଚନ୍ ପ୍ରଚାର୍ କାର୍ଯ୍ୟକ୍ରମ୍ ଯୋଗ୍ ଦେବେ ବଲି କଂଗ୍ରେସ୍‌ର ରାଜ୍ୟ ପ୍ରଭାରୀ ଅଜୟ କୁମାର୍ କହିଛନ୍ । ଶ୍ରୀ ଖଡ଼୍‌ଗେ କନ୍ଧମାଲ୍ ନ ଗୁଟେ ଜନସଭାଥି ସମ୍ବୋଧନ୍

କର୍‌ବେ ଆର୍ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ-ପ୍ରଚାର୍ ଆର୍‌ଏନ୍‌ୟୁ/ କଟକ୍

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ରାଉର୍‌କେଲା ଗସ୍ତଥି ଯାଇକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ । ଇ ସଭାଥି ସେ କହିଛନ୍ ଯେ, ରାଜ୍ୟ ସର୍‌କାର୍ ସ୍ୱାସ୍ଥ୍ୟ, ଶିକ୍ଷା, ମହିଲା ଆଉ ଶିଶୁ ବିକାଶ୍, ଗମନାଗମନ୍ ଲାଗି ବହୁତ୍‌ଟେ ଯୋଜ୍‌ନା ପ୍ରଣୟନ୍ କରିଛନ୍ । ଯାହାର୍ ସୁଫଲ୍ ରାଜ୍ୟବାସୀ ପାଉଛନ୍ । ଆଏବା ଦିନ୍‌ମାନ୍‌କେ ରାଜ୍ୟବାସୀଙ୍କର୍ ଲାଗି ବହୁତ୍‌ଟେ କଲ୍ୟାଣ୍‌କାରୀ ଯୋଜ୍‌ନା ପ୍ରଚଲନ୍ କରାଯିବା ବଲି ଇ ଅବ୍‌ସରେ ସେ ପ୍ରତିଶ୍ରୁତି ଦେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ ଆଏଜ୍ ଦେବ୍‌ଗଡ଼୍ ଆଉ ଅନୁଗୁଳ୍ ଜିଲ୍ଲାର୍ ଛେଣ୍ଡିପଦା ଠାନେ ସଭାମାନ୍‌କେ ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଛନ୍ ।

ଜାତୀୟ ନାଗରିକ୍ ପ୍ରମାଣ୍‌ପତ୍ର ପି.ଆଇ.ବି.

ନାଗରିକ୍‌ତା ସଂଶୋଧନ୍ ଅଧିନିୟମ୍ -୨୦୨୪ ବିଜ୍ଞପ୍ତି ବାହାର୍‌ଲା ଉତ୍‌ରୁ ଆଏଜ୍ କେନ୍ଦ୍ର ସର୍‌କାର୍ ନୂଆଦିଲ୍ଲୀ ଠାନେ ପହେଲା କରି ୧୪ ଝନ୍ ଆବେଦକଙ୍କୁ ନାଗରିକତା ପ୍ରମାଣ୍‌ପତ୍ର ପ୍ରଦାନ୍ କରିଛନ୍ । କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର୍ ଭଲ୍ଲା ଇ ପ୍ରମାଣ୍‌ପତ୍ର ହସ୍ତାନ୍ତର୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ସଂଶୋଧିତ ଆଇନ୍ ଅନ୍‌ସାରେ ଭାରତ୍‌ର ନାଗରିକତାର୍ ଲାଗି ପାକିସ୍ଥାନ୍, ବାଂଲାଦେଶ୍ ଆର୍ ଆଫ୍‌ଗାନିସ୍ଥାନ୍‌ର ହିନ୍ଦୁ, ଶିଖ, ଜୈନ, ବୁଦ୍ଧିଷ୍ଟ, ପାର୍ସି ଆର୍ ଖ୍ରୀଷ୍ଟିଆନ୍ ସମୁଦାୟ ଲୁକ୍‌କର୍ ଲାଗି ଆବେଦନ୍‌ର ସୁବିଧା ରହିଛେ ।

ହେମାମାଲିନୀ, ରାଜସ୍ଥାନ୍ ମୁଖ୍ୟମନ୍ତ୍ରୀ- ଓଡ଼ିଶା ଗସ୍ତ

ହିନ୍ଦୁସ୍ଥାନ୍ ସମାଚାର୍

ବିଜେପି ସାଂସଦ୍ ଆଉ ବଲିଉଡ୍ ତାରକା ହେମାମାଲିନୀ ଆଏବା ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ସେ ଉତର୍ ଭୁବ୍‌ନେଶ୍ୱର୍, କଟକ୍ ଆର୍ କିସନ୍ ନଗର୍ ନ ସଭା ଆଉ ପିପିଲି ନ ରୋଡ୍ ସୋ କର୍‌ବେ । ଇ ବାବ୍‌ଦେ ବିଜେପି ରାଜ୍ୟ ଉପସଭାପତି ଗୋଲକ୍ ମହାପାତ୍ର ସୂଚ୍‌ନା ଦେଇଛନ୍ । ଆଏବା ଶୁକ୍ରବାର୍ ଦିନ ରାଜସ୍ଥାନ୍ ମୁଖ୍ୟମନ୍ତ୍ରୀ ଭଜନ୍ ଲାଲ୍ ଶର୍ମା ଓଡ଼ିଶାର୍ ଗଞ୍ଜାମ୍ ଜିଲ୍ଲାର୍ ସାନଖେମୁଣ୍ଡି ନୟାଗଡ଼୍ ଜିଲ୍ଲାର୍ ଦଶ୍‌ପଲ୍ଲା ଆର୍ କନ୍ଧମାଲ୍‌ର

ଜି.ଉଦୟଗିରି ନ ପ୍ରଚାର୍ କର୍‌ବେ । ସେହିଦିନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଠଗଡ଼ ଆର୍ ନରସିଂହପୁର୍ ଆର୍ ଆସାମ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କଂଟାବାଞ୍ଜି, ଲୁଇସିଂହା, ସତ୍ୟବାଦୀ, ପିପିଲି ଆଉ କବିସୂର୍ଯ୍ୟନଗର୍ ନ ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବେ ।

ଲୋକ୍‌ସଭା ବାଚସ୍ପତି- ସମ୍ବଲପୁର୍ ଗସ୍ତ  ସମ୍ବଲପୁର ସମ୍ବାଦଦାତା

ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ଆଏଜ୍ ସମ୍ବଲ୍‌ପୁର୍ ଗସ୍ତ୍‌ଥି ଆସିକରି ମା ସମଲେଶ୍ୱରୀ ମନ୍ଦିର୍ ନ ଦର୍ଶନ୍ କରିଛନ୍ । ସେ ସହର୍ ନ ଥିବା ପର୍ଶୁରାମ୍‌ଙ୍କର୍ ପ୍ରତିମୂର୍ତି ଆଉ ମହାରାଜା ଅଗ୍ରସେନଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଛନ୍ । ଉପର୍‌ବେଲା କ୍ଷେତରାଜ୍‌ପୁର୍ ଠାନେ ହେବାର୍‌କେ ଥିବା ମିଶନ୍ ଫର୍ ନେସନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ତାଙ୍କର୍ ସହେତେ ରାଜସ୍ଥାନ୍‌ର ଚିତୋର୍‌ଗଡ଼୍ ସାଂସଦ୍ ଚନ୍ଦ୍ରପ୍ରକାଶ୍ ଯୋଷୀ ଭିଲ୍ ଆସିଥିବାର୍ ଜନାପଡ଼ିଛେ ।

ମୋ ବୁଥ୍ ଆପ୍       ଆର୍‌ଏନ୍‌ୟୁ/ କଟକ୍

ନିଜର୍ ବୁଥ୍ ବାବ୍‌ଦେ ସବିଶେଷ୍ ତଥ୍ୟ ଦେବାର୍ ଲାଗି 'ମୋ ବୁଥ୍' ଆପ୍‌ର ପ୍ରଚଲନ୍ କରାଯାଇଛେ । ଇ ଆପ୍ ଜରିଏ ଭୋଟର୍‌ମାନେ ସେମାନ୍‌କର୍ ବୁଥ୍‌ର ଥିତି ଆଉ ଭୋଟ୍ ଗ୍ରହଣ୍ ସମିଆଥି ବୁଥ୍ ନ ଉପସ୍ଥିତ୍ ଥିବା ଭୋଟର୍‌ମାନ୍‌କର୍ ସଂଖ୍ୟା ବାବ୍‌ଦେ ଭିଲ୍ ଜାନିପାର୍‌ବେ । ଇ ଆପ୍‌ଥି ବୁଥ୍‌ସ୍ତରୀୟ ଅଧିକାରୀମାନେ ମତଦାନ୍ କେନ୍ଦ୍ର ତଥ୍ୟ ପ୍ରଦାନ୍ କର୍‌ବେ । ସେନ୍ତା ଭିନ୍ ଭିନ୍ କ୍ଷେତ୍ର ଅଧିକାରୀମାନେ ଇ ଆପ୍ ଜରିଏ ମତଦାନ୍ କେନ୍ଦ୍ର ନ ପୁଲିଂ ପାର୍ଟି ପହଁଚିବାର୍ ସୂଚ୍‌ନା, ମକ୍ ପୁଲ୍, ମତଦାନ୍‌ର ସଦ୍ୟତମ ଥିତି ଆଉ ପୁଲିଂ ପାର୍ଟିର ପ୍ରସ୍ଥାନ୍ ବାବ୍‌ଦେ ତଥ୍ୟ ଦେଇପାର୍‌ବେ । ଜିଲ୍ଲାସ୍ତରୀୟ ଆର୍ କ୍ଷେତ୍ରୀୟ ଅଧିକାରୀମାନେ ଇ କେନ୍ଦ୍ରୀୟ ଡ୍ରାସ୍‌ବୋର୍ଡ଼ ଜରିଏ ଇ ତଥ୍ୟ ଦେବେ ।

ଖୋର୍ଦ୍ଧା ଜିଲ୍ଲାର୍ ଭୋଟର୍‌ମାନ୍‌କର୍ ଲାଗି 'ମୋ ବୁଥ୍' ଆପ୍‌କେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଏଜ୍ ଉନ୍ମୋଚନ୍ କରିଛନ୍ । ଜିଲ୍ଲାର୍ ସବୁ ନିର୍ବାଚନ୍ ମଣ୍ଡଲୀ ଲାଗି ଇ ଆପ୍ କାମ୍ କର୍‌ବା । ସେନ୍ତା ଇଭିଏମ୍ ପରିଚାଲନା ଆଉ ଆଇନ୍‌ଶୃଙ୍ଖଲା ଉପ୍‌ରେ ଭିଲ୍ କ୍ଷେତ୍ରୀୟ ଅଧିକାରୀମାନେ ସୂଚ୍‌ନା ଦେଇପାର୍‌ବେ । ଯେନ୍‌ଥିର୍‌ଲାଗି ଠିକ୍ ସମିଆଥି ପଦକ୍ଷେପ୍ ଗ୍ରହଣ୍ କରାଯାଇପାର୍‌ବା ବଲି ଶ୍ରୀ ଧଳ କହିଛନ୍ ।

ରଥ ନିର୍ମାଣ କାର୍ଯ୍ୟ ଆର୍‌ଏନ୍‌ୟୁ/ କଟକ୍

ରଥଖଳାଥି ରଥ ବନାବାର୍ କାମ୍ ଜାରି ରହିଛେ । ୪ ନମ୍ବର୍ ଦିନ୍‌ତକ୍ ତିନ୍‌ହି ରଥର ୪୨ ଟା ତୁମ୍ବ ନୁ ୨୪ ଟା ତୁମ୍ବବୋଳା କି ଗୋଲେଇ କାମ୍ ସରିଛେ । ଇତାର୍‌ଭିତ୍‌ରୁ ତାଳଧ୍ୱଜ, ଦର୍ପଦଳନ ଆର୍ ନନ୍ଦିଘୋଷ ରଥର ୮ ଟା ଲେଖା ଗୋଲେଇ କାମ୍ ପୁରା ହେଇଛେ । ଇତାର୍ ଉତ୍‌ରୁ ସେଥି ବିନ୍ଧ କରାଯାଇକରି ପହି ଆର୍ ଅର ସଂଯୋଗ କରାଯିବା । ସେନ୍ତା ଦୋଳବେଦୀ କୋଣ ଅସ୍ଥାୟୀ କମାରଶାଳା ନ ଓଝା ଆଉ କମାର ସେବକ ମାନେ ରଥର୍ ଲାଗି କଂଟାକବ୍‌ଜା ତିଆର୍ କରିଛନ୍ ।

ନିର୍ବାଚନ୍ ସାଇବର୍ ସତର୍କତା ସମ୍ବଲ୍‌ପୁର୍ ସମ୍ବାଦଦାତା

ନିର୍ବାଚନ୍ ସମିଆଥି ସାଇବର୍ ଠକେଇନୁ ବର୍ଚିବାର୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ପୁଲିସ୍ ତରଫୁ ହେଲ୍ପଲାଇନ୍ ନମ୍ବର୍ ଜାରି କରାଯାଇଛେ । ଭୋଟର୍ ତାଲିକାଥି ନାଁ ଜୁଡ଼୍‌ବାର୍ ଲାଗି ସାଇବର୍ ଅପରାଧୀମାନେ ଲୁକ୍‌କୁ ଟଙ୍କା ମାଗୁଥିବାର୍ ଘଟ୍‌ନା ପୁଲିସ୍‌ର ନଜର୍‌କେ ଆସିଛେ । ହେଲେ ଭୋଟର୍ ତାଲିକାଥି ନାଁ ରଖ୍‌ବାର୍ ଲାଗି ନିର୍ବାଚନ୍ କମିଶନ୍‌ଙ୍କୁ କେନ୍‌ସି ଦେୟ ଦେବାର୍‌କେ ନାଇଁ ପଡ଼େ ବଲି ପୁଲିସ୍ ତରଫୁ ଫଟିକ୍ କରାଯାଇଛେ । ହେନ୍ତା କେନ୍‌ସି କଲ୍

ଆସ୍‌ଲେ ୯୯୩୮୯-୬୧୫୬୮ ନମ୍ବର୍‌କେ ଯୋଗାଯୋଗ୍ କର୍‌ବାର୍ ଲାଗି ପୁଲିସ୍ ତର୍‌ଫୁ କୁହାଯାଇଛେ ।

ବିଶ୍ୱ ଏଥଲେଟିକ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଏଥଲେଟିକ୍ ଦିବସ୍ । ଆନ୍ତର୍ଜାତୀୟ ସୌଖୀନ ଏଥଲେଟିକ୍ ମହାସଂଘର୍ ନିଷ୍ପତି ଅନ୍‌ସାରେ ୧୯୯୬ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଏଥଲେଟିକ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଦୌଡ଼କୁଦ ବାଗିର୍ ଖେଲ୍‌କେ ତହଁକାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଖାସ୍ କରି ୟୁଆନ୍ ପିଲାଟୁକେଲ୍‌ମାନ୍‌କର୍ ଭିତ୍‌ରେ ଆଉ ସ୍କୁଲ୍‌ମାନ୍‌କେ ଦୌଡ଼କୁଦକେ ଲୋକପ୍ରିୟ କରାବାର୍ ଆଉ କ୍ରୀଡ଼ାର୍ ମହତ୍ୱ ବାବ୍‌ଦେ ବୁଝାବାର୍ ଲାଗି ଏଥ୍‌ଲେଟିକ୍ସ ଦିବସ୍ ପାଲନ୍ କରାଯାଏସି ।

ଆନ୍ତର୍ଜାତୀୟ ପରିବାର୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଆନ୍ତର୍ଜାତୀୟ ପରିବାର୍ ଦିବସ୍ । ପରିବାର୍‌ର ଗୁରୁତ୍ୱ ଆଉ ସୁସ୍ଥ ସମାଜ୍ ଗଠନ୍ ଦିଗେ ପରିବାର୍‌ର ଭୂମିକା ବାବ୍‌ଦେ ସମ୍‌କୁ ଜନାବାର୍ ଲାଗି ଫି’ ବଛର୍ ଆଝିର୍ ଦିନ୍‌କେ ଆନ୍ତର୍ଜାତୀୟ ପରିବାର୍ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ମିଲିତ୍ ଜାତିସଂଘର୍ ଗୁଟେ ପ୍ରସ୍ତାବ୍ ଅନ୍‌ସାରେ ୧୯୯୪ ମସିହାନୁ ଦେଶ୍‌ମାନେ ପରିବାର୍ ଦିବସ୍ ପାଲନ୍ କରୁଛନ୍ । ପରିବାର୍ ସାମ୍ନା କରୁଥିବା ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ମିଲିତ୍ ଉଦ୍ୟମ୍‌କେ ସମ୍ମାନ୍ ପ୍ରଦର୍ଶନ୍ ଇ ଦିବସ୍‌ର ମୁଖ୍ୟ ବାର୍ତା । ଇ ବଛ୍‌ରର୍ ପରିବାର୍ ଦିବସ୍ ବାର୍ତା ରଖାଯାଇଛେ 'ପରିବାର୍ ଆଉ ଜଲବାୟୁ ପରିବର୍ତନ୍' ।

ଜଲ୍‌ବାୟୁ ପରିବର୍ତନ୍ ଗୁଟେ ପରିବାର୍ ଉପ୍‌ରେ କେନ୍ତା ପ୍ରଭାବ୍ ପକଉଛେ ଆଉ ଇତାର୍ ମୁକାବିଲା କର୍‌ବାର୍ ଲାଗି କାଣା ପଦ୍‌କ୍ଷେପ୍ ନିଆଯାଇପାର୍‌ବା, ସେ ବାବ୍‌ଦେ ଇ ଦିବସ୍‌ଥି ବାର୍ତା ପ୍ରଦାନ୍ କରାଯାଇଛେ ।

ରେଲ୍‌ଲାଇନ୍ ହାତୀ ସୁରକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଲ୍ ଗଲାବେଲେ ଭିଲ୍ ହାତୀ ଆଉ ଅଲ୍‌ଗା ବନ୍ୟଜନ୍ତୁ ମାନ୍‌କୁ ସୁରକ୍ଷା ଦେବାର୍ ଲାଗି ଭାରତୀୟ ରେଲ୍‌ବାଇ ତର୍‌ଫୁ 'ଭାଇଡକ୍ଟ' ଯୋଜ୍‌ନା କରାଯାଇଛେ । ବଲାଙ୍ଗିର୍- ଖୋର୍ଦ୍ଧା ରୋଡ୍ ରେଲ୍‌ଲାଇନ୍‌ର ବୌଦ୍ଧ ଜିଲ୍ଲା ପୁରୁଣାକଟକ୍‌ର ଆଡ଼େଣୀଗଡ଼ ଆର୍ ନୟାଗଡ଼୍ ଜିଲ୍ଲାର୍ ବାଣିଗୋଛା ଠାନେ ଭାଇଡକ୍ଟ ତିଆର୍ କରାଯିବା । ନୟାଗଡ଼୍ ଜିଲ୍ଲାର୍ ଦଶ୍‌ପଲ୍ଲା ଆର୍ ବୌଦ୍ଧ ଜିଲ୍ଲାର୍ ପୁରୁଣାକଟକ୍ ଭିତ୍‌ରେ ରେଲ୍‌ଲାଇନ୍ ଆଖେପାଖେ ୧୪ ଶହ ୬୯ ବର୍ଗ ଏକଡ଼୍ ଜଙ୍ଗଲ୍ ଜମି

ରହିଛେ । ରେଲ୍‌ଲାଇନ୍ ତଲେ ଆଉ ବନ୍ୟଜନ୍ତୁମାନ୍‌କର୍ ସୁରକ୍ଷିତ୍ ଯା'ଆସ୍ ଲାଗି ଭାଇଡକ୍ଟ ତିଆର୍ କରାଯାଇକରି ରେଲ୍‌ଲାଇନ୍ ତଲେ ବନ୍ୟପ୍ରାଣୀମାନ୍‌କୁ ଯା'ଆସ୍‌ର ସୁବିଧା କରାଯିବା । ହେନ୍ତା ନୟାଗଡ଼୍‌ନୁ ଦଶ୍‌ପଲ୍ଲା ଭିତ୍‌ରେ ରେଲ୍‌ବାଇ ତର୍‌ଫୁ ୩ ଟା ହାତୀ କରିଡର୍ ତିଆର୍ କରାଯାଇଛେ ।

ଇଣ୍ଡିଆ ସ୍କୁଲ୍ ଆର୍‌ଏନ୍‌ୟୁ/ କଟକ୍

ସବୁଠାନୁ ଉଚା ଦର୍‌ଜାର୍ ଦକ୍ଷତା ପ୍ରଦର୍ଶନ୍ ଲକ୍ଷ୍ୟ ନେଇକରି ସବୁନୁ ବଡ଼ ଦକ୍ଷତା ପ୍ରତିଯୋଗିତା 'ଇଣ୍ଡିଆ ସ୍କିଲ୍ କମ୍ପିଟିସନ୍ ୨୦୨୪' ଆଏଜ୍ ନୂଆଦିଲ୍ଲୀ ଠାନେ ମୁଲ୍ ହେଇଛେ । ଦକ୍ଷତା ବିକାଶ୍ ଆଉ ଉଦ୍ୟୋଗ୍ ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ଯେ, ଇ ପ୍ରତିଯୋଗିତାଥି ୩୦ ନୁ ଅଏତ୍‌କା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୯ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କର୍ ସହେତେ ୪ ଶହ ନୁ ଅଏତ୍‌କା ଶିଳ୍ପ ବିଶେଷଜ୍ଞ ଭିଲ୍ ଭାଗ୍ ନଉଛନ୍ । ୪ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବା ଇ ପ୍ରତିଯୋଗିତାଥି ପାରମ୍ପାରିକ୍ ହସ୍ତଶିଳ୍ପଠାନୁ ମୁଲ୍ କରିକରି ଅତ୍ୟାଧୁନିକ୍ ଜ୍ଞାନ୍ କୌଶଲ୍‌ତକ୍, ୬୧ ଟା ବର୍ଗଥି ପ୍ରତିଯୋଗୀମାନେ ନିଜର୍ ଦକ୍ଷତା ଆଉ ପ୍ରତିଯୋଗିତା ପ୍ରଦର୍ଶନ୍ କର୍‌ବାର୍ ସୁଯୋଗ୍ ପାଏବେ । ଇଥି ଓଡ଼ିଶା ସ୍କିଲ୍‌ସ୍ ନୁ ୬୪ ଝନ୍ ପ୍ରତିଯୋଗୀ

ଭାଗ୍ ନଉଛନ୍ । ଇଣ୍ଡିଆ ସ୍କିଲ୍ସ୍‌ର ବିଜେତାମାନେ ଇ ବର୍ଷ ସେପ୍ଟେମ୍ବର୍ ମାସେ ଫ୍ରାନ୍ସର ଲିଓନ୍ ଠାନେ ହେବାର୍‌କେ ଥିବା ବିଶ୍ୱ ସ୍କିଲ୍ ପ୍ରତିଯୋଗିତାର୍ ଲାଗି ତୟାର୍ ହେବେ, ଯେନ୍‌ଥିକି ୭୦ ନୁ ଅଏତ୍‌କା ଦେଶର୍ ୧ ହଜାର୍ ୫ ଶହ ପ୍ରତିଯୋଗୀ ଭାଗ୍ ନେବେ ।

ମୌସୁମୀ ଆଗମନ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍, ନିକୋବର୍ ଦ୍ୱୀପ ଆର୍ ଦକ୍ଷିଣପୂର୍ବ ବଙ୍ଗୋପ୍‌ସାଗର୍‌କେ ଆଏବା ୧୯ ତାରିଖ୍‌ତକ୍ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଛୁଇଁବା ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସାଧାରଣ୍ ଭାବେ ମେ ୨୨ ତାରିଖ୍ ଦିନ ମୌସୁମୀ ଆଣ୍ଡାମାନ୍ ନ ପୁହୁଁଚିସି । ଇଥର ୨ ଦିନ୍ ଆଗ୍‌ରୁ ମୌସୁମୀ ଆସ୍‌ବାର୍ ଲାଗି ପାଗ୍ ଅନୁକୂଲ୍ ରହିଛେ ।

ଆଣ୍ଡାମାନ୍ ଉତ୍‌ରୁ ଆଏବା ୧ ତାରିଖ୍ ମୌସୁମୀ କେରଳ ଛୁଇଁବା ଆଉ ଆଏବା ମାସର୍ ୧୦ ତାରିଖ୍‌ତକ୍ ଓଡ଼ିଶା ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ ବନୁଛେ । ଆଏବା ଶୁକ୍ରବାର୍‌ନୁ ୨୩ ତାରିଖ୍ ଭିତ୍‌ରେ ଇଟା ଗଭୀର ଅବପାତ୍‌ର ରୂପ୍ ନେଇପାରେ ।